# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 16 March - 2025

### News Editor : Tapan Kumar Moharana

************************************

## ମୁଖ୍ୟ ସମ୍ବାଦ

- କ୍ଷେତ୍ରୀୟ ଯାଞ୍ଚ ପରେ ରାଜ୍ୟର ରାସନକାର୍ଡ ହିତାଧିକାରୀଙ୍କ ଚୂଡାନ୍ତ ତାଲିକା ପ୍ରକାଶ ପାଇବ; ସୂଚନା ଦେଲେ ଖାଦ୍ୟ ଯୋଗାଣ ମନ୍ତ୍ରୀ

- ବିଶିଷ୍ଟ ସାରସ୍ୱତ ସାଧକ ପଦ୍ମଭୂଷଣ କବି ରମାକାନ୍ତ ରଥଙ୍କ ପରଲୋକ; ରାଷ୍ଟ୍ରପତି, ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଶୋକପ୍ରକାଶ

- ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ବିଦ୍ୟାଳୟଗୁଡ଼ିକୁ ସକାଳୁଆ ଖୋଲିବା ପାଇଁ ନିଆଯିବ ପଦକ୍ଷେପ; କହିଲେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ

ଏବଂ

- ଟିକାକରଣର ଗୁରତ୍ୱ ଏବଂ ଏ ସମ୍ପର୍କରେ ଜନସଚେତନତା ବୃଦ୍ଧି ଲକ୍ଷ୍ୟ ନେଇ ଆଜି ପାଳନ କରାଯାଉଛି ଜାତୀୟ ଟିକାକରଣ ଦିବସ

## ରାସନକାର୍ଡ

ରାଜ୍ୟରେ ଯୋଗ୍ୟ ରାସନକାର୍ଡ ହିତାଧିକାରୀମାନଙ୍କ କ୍ଷେତ୍ରୀୟ  ଯାଞ୍ଚ କରାଯିବା ପରେ ରାସନକାର୍ଡ ହିତାଧିକାରୀଙ୍କର ଚୂଡାନ୍ତ ତାଲିକା ପ୍ରକାଶ ପାଇବ ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି । ବର୍ତ୍ତମାନସୁଦ୍ଧା ୩୦ ଲକ୍ଷ ୭୩୪ ଲୋକ ଇ-କେଓ୍ଵାଇସି କରିନଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ୬ ଲକ୍ଷ ୩୫ ହଜାର ଲୋକ ପୋର୍ଟାଲ ଜରିଆରେ ଆବେଦନ କରିଛନ୍ତି। ବର୍ତ୍ତମାନ ସର୍ଭେ କାର୍ଯ୍ୟ ଚାଲିଥିବାବେଳେ ଏପ୍ରିଲ ମାସ ୧୫ ତାରିଖ ସୁଦ୍ଧା ଏହା ଶେଷ ହେବ। ନୂଆ ପୋର୍ଟାଲ୍‌ରେ ଏବେ ସୁଦ୍ଧା ୫୦ ହଜାର ହିତାଧିକାରୀ ନୂତନ ରାସନକାର୍ଡ ପାଇଁ ଆବେଦନ କରିଛନ୍ତି। ସମ୍ପୂର୍ଣ୍ଣ ଆବେଦନ ସରିବା ପରେ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହେବ। ତେବେ ହଠାତ୍ କାହାର ରାସନ କାର୍ଡ କଟା ଯିବନାହିଁ ବୋଲି ମନ୍ତ୍ରୀ କହିଛନ୍ତି।

## -V/O-

## ରମାକାନ୍ତ ରଥ

ବିଶିଷ୍ଟ ସାରସ୍ଵତ ସାଧକ, ପଦ୍ମଭୂଷଣ କବି ରମାକାନ୍ତ ରଥଙ୍କର ୯୧ ବର୍ଷ ବୟସରେ ଭୁବନେଶ୍ଵରସ୍ଥିତ ତାଙ୍କ ବସଭବନରେ ଆଜି ସକାଳେ ପରଲୋକ ହୋଇଯାଇଛି। ଶ୍ରୀ ରଥଙ୍କ ବିୟୋଗରେ ସାହିତ୍ୟ ଜଗତରେ ଶୋକର ଛାୟା ଖେଳିଯାଇଛି। ୧୯୩୪ ମସିହା ଡିସେମ୍ବର ମାସ ୧୩ ତାରିଖ ଦିନ ରମାକାନ୍ତ ରଥ କଟକରେ ଜନ୍ମଗ୍ରହଣ କରିଥିଲେ। ଇଂରାଜୀ ଭାଷା ସାହିତ୍ୟରେ

ରେଭେନ୍ସା କଲେଜରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପରେ ୧୯୫୭ ମସିହାରେ ଭାରତୀୟ ପ୍ରଶାସନିକ ସେବାରେ ସେ ଯୋଗ ଦେଇଥିଲେ। ୧୯୯୨ ମସିହାରେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଥିବାବେଳେ ଶ୍ରୀ ରଥ ଅବସର ଗ୍ରହଣ କରିଥିଲେ।

ସନ୍ଦିଗ୍ଧ ମୃଗୟା, ସପ୍ତମ ଋତୁ, ସଚିତ୍ର ଅନ୍ଧାର, ଶ୍ରୀରାଧା ଏବଂ ଶ୍ରେଷ୍ଠ କବିତା ଆଦି ସଂକଳନ ଆଦି ବହୁ ପାଠକୀୟ ଆଦୃତି ଲାଭ କରିଛି। ୧୯୭୮ ମସିହାରେ ତାଙ୍କ କବିତା ସଂକଳନ 'ସପ୍ତମ ଋତୁ' ପାଇଁ ଶ୍ରୀ ରଥ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ୧୯୯୨ ମସିହାରେ ସରସ୍ୱତୀ ସମ୍ମାନରେ ସମ୍ମାନିତ ହୋଇଥିଲେ। ୧୯୯୩ ରୁ ୧୯୯୮ ଯାଏଁ ଶ୍ରୀ ରଥ କେନ୍ଦ୍ର ସାହିତ୍ୟ ଏକାଡେମୀର ଉପସଭାପତି ଏବଂ ୧୯୯୮ରୁ ୨୦୦୩ ପର୍ଯ୍ୟନ୍ତ ସଭାପତି ଭାବରେ କାର୍ଯ୍ୟ କରିଥିଲେ।

ଶ୍ରୀ ରଥ ତୃତୀୟ ଓଡ଼ିଆ ଭାବେ ୨୦୦୯ରେ ସମ୍ମାନଜନକ ସାହିତ୍ୟ ଏକାଡେମୀ ଫେଲୋସିପ୍ ଲାଭ କରିଥିଲେ। ୨୦୦୬ ମସିହାରେ ପଦ୍ମଭୂଷଣ ଉପାଧିରେ ତାଙ୍କୁ ଭୂଷିତ କରାଯାଇଥିଲା। ଏଥିସହ ସାରଳା ପୁରସ୍କାର, ବିଷୁବ ପୁରସ୍କାର, ଜଗନ୍ନାଥ ଦାସ ସମ୍ମାନ, ସାହିତ୍ୟ ଭାରତୀ ସମ୍ମାନ ଆଦି ପୁରସ୍କାର ଲାଭ କରିଥିଲେ। ତାଙ୍କ ରଚିତ କାବ୍ୟ କବିତା ଇଂରାଜୀ ଓ ୮ଟି ଭାରତୀୟ ଭାଷାରେ ଅନୁଦିତ ହୋଇଛି।

କବି ରମାକାନ୍ତ ରଥଙ୍କ ବିୟୋଗରେ **ରାଷ୍ଟ୍ରପତି** ଦ୍ରୌପଦୀ ମୁର୍ମୁ ଶୋକ ପ୍ରକାଶ କରି ସାମାଜିକ ଗଣମାଧ୍ୟମରେ କହିଛନ୍ତି, ଓଡ଼ିଆ ସାହିତ୍ୟକୁ ତାଙ୍କର ଅବଦାନ ଚିରସ୍ମରଣୀୟ ହୋଇ ରହିବ।

କବି ରମାକାନ୍ତ ରଥଙ୍କ ବିୟୋଗରେ **ରାଜ୍ୟପାଳ** ଡକ୍ଟର ହରିବାବୁ କମ୍ଭମପାଟି ଦୁଃଖ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନ ଜଣାଇଛନ୍ତି।

ଶ୍ରୀ ରଥଙ୍କ ବିୟୋଗରେ **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ  ଦୁଃଖ ପ୍ରକାଶ କରିବା ସହ ସାହିତ୍ୟ ଜଗତରେ ଏକ ଅପୂରଣୀୟ କ୍ଷତି ଘଟିଲା ବୋଲି କହିଛନ୍ତି। ଆସନ୍ତାକାଲି ପୁରୀ ସ୍ୱର୍ଗଦ୍ୱାରରେ ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

କେନ୍ଦ୍ର ଶିକ୍ଷାମନ୍ତ୍ରୀ **ଧର୍ମେନ୍ଦ୍ର ପ୍ରଧାନ** ରମାକାନ୍ତ ରଥଙ୍କ ବିୟୋଗରେ ଦୁଃଖ ପ୍ରକାଶ କରି କବିତା ମାଧ୍ୟମରେ ଓଡ଼ିଆ ସାହିତ୍ୟ ଜଗତକୁ ଶ୍ରୀ ରଥ ସୁସମୃଦ୍ଧ କରିଛନ୍ତି ବୋଲି କହିଛନ୍ତି।

ଶ୍ରୀ ରଥଙ୍କ ବିୟୋଗରେ **ବାଚସ୍ପତି** ସୁରମା ପାଢ଼ୀ ଶୋକ ପ୍ରକାଶ କରିବା ସହ ଭାରତୀୟ ପ୍ରଶାସନିକ ସେବା ଓ ସାହିତ୍ୟ ଜଗତରେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ବୋଲି କହିଛନ୍ତି।

**ଉପମୁଖ୍ୟମନ୍ତ୍ରୀ** କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡା ଶ୍ରୀ ରଥଙ୍କ ପରଲୋକରେ ଦୁଃଖ ପ୍ରକାଶ କରି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

ଉଚ୍ଚଶିକ୍ଷାମନ୍ତ୍ରୀ **ସୂର୍ଯ୍ୟବଂଶୀ ସୂରଜ** କବି ରମାକାନ୍ତ ରଥଙ୍କ ପରଲୋକରେ ଶୋକ ପ୍ରକାଶ କରି ତାଙ୍କ ଲେଖାରେ ଆଧ୍ୟାତ୍ମିକ ଓ ଆଦିଭୌତିକ କଳ୍ପନାର ବ୍ୟବହାର ଦେଖାଯାଏ ବୋଲି କହିଛନ୍ତି।

## ଉନ୍ନୟନମୂଳକ ପ୍ରକଳ୍ପ

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ଠାରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସହରର କୁସୁମକାନୀରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ହେବାକୁ ଥିବା ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ପରେ ଶ୍ରୀ ସିଂହଦେଓ ବରପଦରଠାରେ ପୂର୍ତ୍ତ ବିଭାଗ ପକ୍ଷରୁ ୯ କୋଟି ୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପାଟଣାଗଡ଼ ଓ ଖପରାଖୋଲ ବ୍ଲକ୍‌କୁ ସଂଯୋଗ କରୁଥିବା ଦୀର୍ଘ ୧୩ କିଲୋମିଟର ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

## ସକାଳୁଆ ସ୍କୁଲ-ଗଣଶିକ୍ଷାମନ୍ତ୍ରୀ

ରାଜ୍ୟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବିଦ୍ୟାଳୟଗୁଡିକ ସକାଳୁଆ ଖୋଲିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା

ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସହ ଆଲୋଚନା କରାଯାଇ ସମ୍ଭାବ୍ୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି।

**-V/O-** *(Nityananda Ganda)*

## ଧାନ କିଣା

ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୭୧ ଲକ୍ଷ ୫୦ ହଜାର ଟନ୍ ଧାନ କିଣା ସରିଛି ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ସରକାର ୭୬ ଲକ୍ଷ ଟନ୍ ଧାନକିଣା ଲକ୍ଷ୍ୟ ଧାର୍ଯ୍ୟ କରିଥିବାବେଳେ ବର୍ତ୍ତମାନସୁଦ୍ଧା ୯୫ ପ୍ରତିଶତ ଧାନ କିଣା ସରିଛି। ଏଥିସହ ରବି ଋତୁରେ ଧାନ କିଣା ପାଇଁ ଯୋଜନା ଚାଲିଛି ଏବଂ ଏଥିଲାଗି ଖୁବ୍ ଶୀଘ୍ର ପଂଜୀକରଣ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଆସନ୍ତା ୩୧ ତାରିଖକୁ ଧାନକିଣାର ଶେଷ ଦିନ ଧାର୍ଯ୍ୟ କରାଯାଇଛି।

## ନ୍ୟାସନାଲ ଭାକ୍ସିନେସନ ଡେ

ଟିକାକରଣର ଗୁରୁତ୍ୱ ଏବଂ ଏ ସମ୍ପର୍କରେ ଜନସଚେତନତା ବୃଦ୍ଧି ଲକ୍ଷ୍ୟ ନେଇ ପ୍ରତିବର୍ଷ ଆଜିର ଦିନକୁ ଦେଶରେ ଜାତୀୟ ଟୀକାକରଣ ଦିବସ ପାଳନ କରାଯାଉଛି । ୧୯୯୫ ମସିହା ମାର୍ଚ୍ଚ ମାସ ୧୬ ତାରିଖରେ ପ୍ରଥମ ଥର ପାଇଁ ଦେଶରେ ପୋଲିଓ ଟିକାକରଣ ଅଭିଯାନ ଆରମ୍ଭ କରାଯାଇଥିଲା।

ସାମାଜିକ ଗଣମାଧ୍ୟମ ପୋଷ୍ଟ ଜରିଆରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜଗତ୍ ପ୍ରକାଶ ନଡ୍ଡା କହିଛନ୍ତି ଟୀକାକରଣ ମାଧ୍ୟମରେ ଶିଶୁଙ୍କୁ ସୁରକ୍ଷିତ ରଖିବା ନିମନ୍ତେ ଲକ୍ଷ୍ୟ ରଖା ଯାଇଛି।  ସମସ୍ତ ରାଜ୍ୟ ସରକାର ଏବଂ ଉତ୍ସର୍ଗୀକୃତ ସ୍ୱାସ୍ଥ୍ୟକର୍ମୀଙ୍କୁ ଏହି ଅଭିଯାନରେ ସାମିଲ ହେବା ପାଇଁ ମନ୍ତ୍ରୀ ଶ୍ରୀ ନଡ୍ଡା ଆହ୍ୱାନ ଦେଇଛନ୍ତି । ପିଲାମାନଙ୍କ କ୍ଷେତ୍ରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ନିମନ୍ତେ ୨୦୧୪ ମସିହାରେ ମିଶନ ଇନ୍ଦ୍ରଧନୁଷ ଯୋଜନା କାର୍ଯ୍ୟକାରୀ କରାଯାଇଥିଲା । ଏହି ଯୋଜନାର ଲକ୍ଷ୍ୟ ହେଲା ଶିଶୁ ମୃତ୍ୟୁହାର ହ୍ରାସ କରିବା ଏବଂ ଶିଶୁମାନଙ୍କ କ୍ଷେତ୍ରରେ ବ୍ୟାପକ ଟୀକାକରଣ କାର୍ଯ୍ୟ ହାତକୁ ନେବା । ଏହି ଯୋଜନାର ଅନ୍ୟତମ ଲକ୍ଷ୍ୟ ହେଲା ୨ବର୍ଷରୁ କମ୍ ଶିଶୁ ଏବଂ ଗର୍ଭବତୀ ମହିଳାମାନଙ୍କୁ ସମ୍ପୂର୍ଣ୍ଣ ଟୀକାକରଣ କରିବା ।

## ପୋଷଣ କେନ୍ଦ୍ରରେ ରାସନ

ରାଜ୍ୟରେ ଥିବା ପୋଷଣ କେନ୍ଦ୍ରଗୁଡ଼ିକରେ ସବ୍‌ସିଡିରେ ରାସନ ମିଳିବ ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଦିଲ୍ଲୀ, ଗୁଜୁରାଟ ଢାଞ୍ଚାରେ ଖୁବ୍ ଶୀଘ୍ର ପୋଷଣ କେନ୍ଦ୍ର ଖୋଲାଯିବ। ୩୫ଟି ସ୍ଥାନରେ ପାଇଲଟ୍ ପ୍ରକଳ୍ପ ଆରମ୍ଭ ହେବ। ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସବ୍‌ସିଡି ପ୍ରଦାନ କରିବେ। ହିତାଧିକାରୀମାନଙ୍କୁ ଏଥିପାଇଁ ସ୍ୱତନ୍ତ୍ର କାର୍ଡ ମିଳିବ। ବିଭାଗର ଏକ ଦଳ ଦିଲ୍ଲୀ ଓ ଗୁଜୁରାଟ ଯାଇ ସେଠାରେ ଚାଲିଥିବା ପୋଷଣ କେନ୍ଦ୍ରର ଅନୁଧ୍ୟାନ କରିବା ପରେ ପ୍ରତି ପଞ୍ଚାୟତରେ ପୋଷଣ କେନ୍ଦ୍ର ଖୋଲିବାର ଲକ୍ଷ୍ୟ

ରଖାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।  ତେବେ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପରେ ଖୁବ୍ ଶୀଘ୍ର ଚୂଡାନ୍ତ ନିଷ୍ପତ୍ତି ନିଆଯିବ।

## ଅନ୍ୱେଷା ହଷ୍ଟେଲ ପରିଦର୍ଶନ

ଅନୁସୂଚିତ ଜାତି ଜନଜାତି ଉନ୍ନୟନ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ **ନବରଙ୍ଗପୁର** ଜିଲ୍ଲା ଉମରକୋଟ ବ୍ଲକ୍ ସ୍ଥିତ ଅନ୍ୱେଷା ଛାତ୍ରାବାସ ପରିଦର୍ଶନ କରିଥିଲେ। ଛାତ୍ରାବାସର ସୁପରିଚାଳନା ଉପରେ ମନ୍ତ୍ରୀ ଗୁରୁତ୍ୱ ଦେବା ସହ ବ୍ୟବସ୍ଥାରେ ତ୍ରୁଟି ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ଏହି ଅବସରରେ ହଷ୍ଟେଲ ଅନ୍ତେବାସୀଙ୍କ ସହ ମନ୍ତ୍ରୀ ଆଲୋଚନା କରି ସେମାନଙ୍କର ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ।

## ରେଡ୍‌କ୍ରସ୍ ଆଲୋଚନା

**ଭଦ୍ରକ** ଜିଲ୍ଲା ଜୁନିୟର ରେଡକ୍ରସ୍ ପ୍ରଶିକ୍ଷଣ ଶିବିର ବିନ୍ଧୁମାଧବ ବାଗୁରାଇ ବିଦ୍ୟାଳୟଠାରେ ଆୟୋଜିତ ହୋଇଯାଇଛି। ଶିବିରରେ ବାସୁଦେବପୁର, ଭଦ୍ରକ, ବ'ନ୍ତ ବ୍ଲକ୍‌ର ୧୦୫ଟି ବିଦ୍ୟାଳୟରୁ ରେଡକ୍ରସ୍ ପରାମର୍ଶଦାତା, ଶିକ୍ଷକ ଏବଂ ଅଧିକାରୀ ଯୋଗଦେଇ ରେଡକ୍ରସ୍‌ର କାର୍ଯ୍ୟାଧାରା ସମ୍ପର୍କରେ ଆଲୋଚନା କରିଥିଲେ।

## ପାଣିପାଗ

ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରକୋପ ଅନୁଭୂତ ହେଉଛି । ଆସନ୍ତା ୨ ଦିନ ପର୍ଯ୍ୟନ୍ତ କେତେକ ଅଂଚଳରେ ଗ୍ରୀଷ୍ମପ୍ରବାହ ନେଇ ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଝାରସୁଗୁଡ଼ା, ସମ୍ବଲପୁର ଏବଂ କଳାହାଣ୍ଡି ଜିଲ୍ଲାକୁ ଏଥିପାଇଁ ସତର୍କ ରହିବାକୁ କୁହାଯାଇଛି ।

********************************